# ବାର୍ତ୍ତା



*ଶ୍ରୀ ଅନୁପମ ସାହା,* (ଭା.ପ୍ର.ସେ)
ଜିଲ୍ଲାପାଳ,ଗଜପତି

ଗଜପତି ଜିଲ୍ଲାର ଭାଇ ଓ ଭଉଣୀମାନଙ୍କୁ ମୋର ନମସ୍କାର । ଆପଣମାନେ ଅବଗତ ଥିବେ ତା·୦୧·୦୯·୨୦୧୮ରିଖରେ ଚିଠା ଭୋଟର ତାଲିକା ପ୍ରକାଶିତ ହୋଇଅଛି । ଏବଂ ୦୧·୦୯·୨୦୧୮ ଠାରୁ ୩୧·୧୦·୨୦୧୮ ପର୍ଯ୍ୟନ୍ତ ଚିଠା ଭୋଟର ତାଲିକାରେ ବାଦ, ସଂଶୋଧନ, ସ୍ଥାନାନ୍ତରିକରଣ ତଥା ୦୧·୦୧·୨୦୧୯ କୁ ଯୋଗ୍ୟ ତାରିଖ ଭାବେ ବିବେଚନା କରି ନାମ ଯୋଗ କାର୍ଯ୍ୟକ୍ରମ ଚାଲୁରହିଛି । ଭିନ୍ନକ୍ଷମ,ଯୋଗ୍ୟ ବିବେଚିତ, ବ୍ୟକ୍ତିଙ୍କ ନାମ ଯୋଗ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରିବା ନିମନ୍ତେ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ଅବଗତ କାରାଯାଇଛି । ୧୮-୧୯ ବର୍ଷର ପ୍ରତ୍ୟେକ ନାଗରିକ ଭୋଟର ତାଲିକାରେ ନାମ ନମୋଦ କରାଇ ସଫଳ ଗଣତନ୍ତ୍ରର ଏକ ଅଂଶୀଦାର ଭାବେ ପରିଗଣିତ ହେବାପାଇଁ ଆହ୍ୱାନ କରୁଛି । ନୂତନ ଭାବେ ନାମ ନମୋଦ ପାଇଁ ଫର୍ମନଂ-୬, ତାଲିକାରୁ ନାମ ବାଦ କରିବାପାଇଁ ଫର୍ମନଂ-୭, ତଥ୍ୟ ସଂଶୋଧନ ପାଇଁ ଫର୍ମନଂ-୮ ଏବଂ ନାମ ସ୍ଥାନାନ୍ତର ପାଇଁ ଫର୍ମନଂ-୮(କ) ପୂରଣ କରିବାପାଇଁ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ସମ୍ପର୍କ କରନ୍ତୁ । ଏତଦ୍ ବ୍ୟତୀତ ଆପଣମାନେ ଯଦି ଅନ୍‌ଲାଏନ୍‌ରେ ଆବେଦନ କରିବାକୁ ଚାହାଁନ୍ତି ତେବେ nvsp.in ବା ceoorissa.nic.in କୁ ଯାଇ apply online ମାଧ୍ୟମରେ ଆବେଦନ କରନ୍ତୁ । କୌଣସି ଆପତ୍ତି ଅଭିଯୋଗ ଥିଲେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲାର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ପୌରପାଳିକା କାର୍ଯ୍ୟାଳୟ, ପାରଳାଖେମୁଣ୍ଡି ଠାରେ ଥିବା ଭୋଟର ସହାୟତା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

ଧନ୍ୟବାଦ ।

ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ,
ଗଜପତି